# ପିଲାଙ୍କ ଧରିତ୍ରୀ

ଶନିବାର, ୧୫ ଜୁନ୍, ୨୦୧୯






୬ କବିତା


ରଜ ମଉଜ ୩

୮ ଆଇନା

୭ ଜଣା -ଅଜଣା

ଗପ ୪





# ମତାମତ

"ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ଖୁବ୍ ସୁନ୍ଦର ଲାଗୁଥିଲା। ଆଇନା ପୃଷ୍ଠାଟି ଭଲ ଦିଶୁଥିଲା।

– ବିଶ୍ୱରଞ୍ଜନ ସାହୁ
ସତ୍ୟନଗର, ଭୁବନେଶ୍ୱର

"ଚଗଲା ଭୀମୁ ଏବଂ ଖିଲିଖିଲି ହସ ପଢି ଖୁବ୍ ହସିଲି।

– ଅନିମେଷ ଆଚାର୍ଯ୍ୟ
ବେଗୁନିଆ, ଖୋର୍ଦ୍ଧା

"ତୁମ ତୁଳୀରୁ ପୃଷ୍ଠାରେ ସମସ୍ତ ଚିତ୍ର ସୁନ୍ଦର ଲାଗିଲା। କବିତା ସ୍ତମ୍ଭରେ ସ୍ଥାନ ପାଇଥିବା ପ୍ରତିଟି କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା।

– ମିକି, ରୋଜି,
ନିମାପଡା, ପୁରୀ

"ଜଣା ଅଜଣା ଓ କହିଲ ଦେଖି ପଢିବାକୁ ମଜା ଲାଗୁଛି। ଆଇନା ପୃଷ୍ଠାରେ ସ୍ଥାନ ପାଇଥିବା ସମସ୍ତ ଶିଶୁଙ୍କ ଫଟୋ ଭଲ ହୋଇଥିଲା।

– ପ୍ରତିଭା ମହାପାତ୍ର,
କୋରାପୁଟ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

# 'ସିଲି ପାଇଁ ଦୋଳିଟିଏ'

ଗପ



ସିଲିର ମନ ଭାରି ଦୁଃଖ। ଏଥର ଯେଉଁ ବାତ୍ୟା ଫନୀ ଆସିଥିଲା, ସେଥିରେ ତାଙ୍କ ବଗିଚାର ସବୁଗଛ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ତାକୁ ସବୁଠାରୁ ବେଶି କଷ୍ଟ ଲାଗିଛି ବଡ଼ ଆମ୍ବ ଗଛଟି ପାଇଁ। ବାତ୍ୟା ସମୟରେ ସେ ବିରାଟ ଗଛଟା ଯେମିତି ଧଡ଼ାସ କରି ଭୂଇଁ ଉପରେ ଲୋଟି ପଡ଼ିଲା, ଝରକା ଫାଙ୍କରେ ବାତ୍ୟାର କରାଳ ଦୃଶ୍ୟକୁ ଦେଖୁଥିବା ସିଲି ଭେଁ କରି ରଡ଼ିଟାଏ ଛାଡ଼ିଲା। 'କାଇଁ କାନ୍ଦୁଛୁ କାଇଁ କାନ୍ଦୁଛୁ?' ବୋଲି ବାପା ବୋଉ ଯେତେ ପଚାରିଲେ ବି କୌଣସି କଥାର ଉତ୍ତର ନ ଦେଇ ସେ କେବଳ କାନ୍ଦିଚାଲିଲା। କେତେ ବୁଝାବୁଝି କରି ତୁନି ହେଲା ପରେ ସକେଇ ସକେଇ କହିଲା – "ବାପା, ମୁଁ ରଜରେ ଦୋଳି କେମିତି ଖେଳିବି? ସେଇ ଆମ୍ବ ଗଛର ଡାଳରେ ସବୁବର୍ଷ ତୁମେ ମୋ ପାଇଁ ଦୋଳି ବାନ୍ଧିଦିଅ। ସେହି ଦୋଳି ଦେଖି ଅନ୍ୟବେଳେ ମତେ 'ଛୋଟପିଲା' କହି ସାଙ୍ଗରେ ଖେଳଉ ନ ଥିବା ଆମ ସାହିର ରିଙ୍କି, ପିନ୍ଟୁ, ଲାଲି, ଜୁଲି ଆଦି ସମସ୍ତେ ଆମ ଘରକୁ ଆସନ୍ତି। ଏଥର ତ ଆମ୍ବଗଛ ମରିଗଲା, ଆଉ କେହି ଆସିବେନି, ମୁଁ ଆଉ ଦୋଳି ଖେଳି ପାରିବିନି...ଏଁ....ଏଁ...।"

ଏହା କହି ସିଲିର କାନ୍ଦ ପୁଣି ଆରମ୍ଭ ହୋଇଗଲା। ବାପା ବୋଉ ବୁଝେଇ ବୁଝେଇ ଥକିଲେ। ଶେଷରେ ବୋଉର ମନେପଡ଼ିଗଲା, ଗଲାବର୍ଷ ଆମ୍ବଖାଇ ଗୁଡ଼ିଏ ଟାକୁଆ ଖତଗଦା ଉପରକୁ ପକେଇଦେଇଥିଲା ଯେ ସେଥିରୁ କେତୋଟି କୁଆଁ ମେଲିଛି। ବୋଉ ସଙ୍ଗେ ସଙ୍ଗେ କହିଲେ– "ଆରେ ସିଲି, ସେ ଖତଗଦା ଉପରେ ଆଠଦଶଟି ଆମ୍ବଗଛ ଉଠିଛି, ସେଥିରୁ ଗୋଟିଏ ଆଣି ଏହି ବଡ଼ ଆମ୍ବଗଛ ସ୍ଥାନରେ ଲଗାଇଦେବା।" ଏ କଥା ଶୁଣି ସିଲି ପଚାରିଲା– "ହେଲେ ରଜ ପରା ଆର ମାସରେ, ସେତେବେଳକୁ କ'ଣ ଗଛ ଏତେବଡ଼ ହୋଇଥିବ ଯେ, ମୁଁ ଦୋଳି ବାନ୍ଧିବି?" ସିଲି କଥାଶୁଣି ବାପା କହିଲେ– "ହଁ, ତୁ ଯଦି ସେ ଗଛରେ ପାଣି ଦେବୁ, ଯତ୍ନ ନେବୁ ତା'ହେଲେ..."। ବାପାଙ୍କ ପାଟିରୁ କଥା ଛଡ଼େଇ ଆଣି ସିଲି କହିଲା– ନ ହେଲେ ବୋଉ ତାକୁ କତୁରି ଉଞ୍ଚେଇ ଧମକେଇ ଦେବ, କଲୁରୀବେଣ୍ଟ ଭଳିଆ...

ବାପା ବୋଉ ଦୁହେଁ ଜୋର୍‌ରେ ହସିଉଠିଲେ।


ସେହି ଦିନଠୁ ସିଲିର ବେଶିବେଳ କଟେ ବଗିଚାରେ। ବାତ୍ୟାରେ ଭାଙ୍ଗିଯାଇଥିବା ଛୋଟ ଛୋଟ ଡାଳକୁ ଟାଣି ଟାଣି ଗୋଟିଏ ଜାଗାରେ ଗଦେଇବା, ଶୁଖିଲା ପତ୍ରକୁ ଏକାଠି କରି ଖତ ଗଦାରେ ପକାଇବା, ଚଢ଼େଇମାନଙ୍କ ପାଇଁ ସରାରେ ପାଣି ଥୋଇବା, ବୋଉଠାରୁ ମାଗିଆଣି ବାସି ରୁଟି ଓ ଖୁଦ ଇତ୍ୟାଦି ଚଢ଼େଇ ଓ ଗୁଣ୍ଡୁଚି ମୂଷା ଆଦିଙ୍କୁ ଖୁଆଇବା, ଗଛରେ ପାଣି ଦେବା, ସେମାନଙ୍କ ନିକଟରେ ଛିଡ଼ାହୋଇ, 'ଜଲ୍‌ଦି ଜଲ୍‌ଦି ବଡ଼ହୁଅ' କହି ଧମକାଇବା, ଏମିତି କେତେକ'ଣ କାମରେ ସିଲି ଏ ଖରାଛୁଟିଟା ପୂରା ବ୍ୟସ୍ତ ରହିଛି।

କାଲି ରଜ। ନୂଆ ଫ୍ରକ୍, ନୂଆ ଚୁଡ଼ି, ନେଲପଲିସ, ଅଳତା ସବୁକିଛି କିଣା ସରିଛି। ଦିନସାରା ସିଲି ବାରମ୍ବାର ଆମ୍ବଗଛକୁ ଦେଖି ଦୌଡ଼ି ଆସି ବୋଉକୁ ପଚାରିଦେଉଛି "ବୋଉ, ଆମ୍ବଗଛ କାଲି ବଡ଼ହୋଇଯାଇଥିବ ନା, ମୁଁ ସେଥିରେ ଦୋଳି ଖେଳି ପାରିବି ନା କହ ବୋଉ...।"

ବୋଉ ରଜପିଠା ପାଇଁ ପ୍ରସ୍ତୁତିରେ ଲାଗିଥାନ୍ତି। ସିଲି କଥା ଶୁଣି ତା' ମୁଣ୍ଡ ଟିକେ ଆଉଁଶିଦେଇ ହସି ଦିଅନ୍ତି। ସେଦିନ ବାପା ଖୁବ୍ ଡ଼େରିରେ ଘରକୁ ଫେରିଲେ। ସିଲି ଶୋଇସାରିଥିଲା। ହେଲେ ଶୋଇବା ଆଗରୁ ବୋଉର ପରିବାକଟା ଛୁରି ଧରି ଆମ୍ବଗଛକୁ 'କାଲି ସୁଦ୍ଧା ବଡ଼ ହୋଇଯିବୁ' ବୋଲି କହିଆସିଥିଲା। ବୋଉ କଥା ମାନି ସେ ସକାଳୁ ଉଠି ଗାଧୋଇ ପାଧୋଇ ନୂଆ ଫ୍ରକ୍ ପିନ୍ଧି ବଗିଚାକୁ ଯାଇ ଦେଖିଲା, ବାପା ତା' ପାଇଁ ସୁନ୍ଦର ଲୁହା ଦୋଳିଟିଏ ବଗିଚାରେ ଲଗାଇଦେଇଛନ୍ତି। ସେ ଖୁବ୍ ଜୋରରେ ପାଟି କରି ରିଙ୍କି, ପିନ୍ଟୁ, ଲାଲି ଓ ଜୁଲିଙ୍କୁ ଡାକ ପକାଇଲା।

– **ଛନ୍ଦା ମିଶ୍ର,** ୩ଆର/୬, ବିଜେବି ନଗର, ଭୁବନେଶ୍ୱର

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ




## ଖିଲିଖିଲି ହସ

ପ୍ରଥମ ଚୋର: ଜାଣିଲୁ ସାଙ୍ଗ, ନେଟ୍ ଶସ୍ତା ହେଲା ପରେ ଆମକୁ ବହୁତ ଅସୁବିଧା ହେଉଛି।
ଦ୍ୱିତୀୟ ଚୋର: କେମିତି?
ପ୍ରଥମ ଚୋର: ଯେଉଁ ଘରକୁ ଆମେ ଚୋରି କରିବାକୁ ଯାଉଛୁ, ସେଠି କିଏ ନା କିଏ ଜାଗ୍ରତ ରହୁଛନ୍ତି।

ଶିକ୍ଷକ: ପିଲାମାନେ ତୁମେ ତ ଚଢ଼େଇମାନଙ୍କ ବିଷୟରେ ସବୁ କିଛି ପ୍ରାୟ ଜାଣିଛ।
ସଞ୍ଜୁ: ଆଜ୍ଞା ସାର୍।
ଶିକ୍ଷକ: ଆଚ୍ଛା କହିଲ ସଞ୍ଜୁ, କେଉଁ ଚଢ଼େଇ ଉଡ଼ିପାରେ ନାହିଁ।
ସଞ୍ଜୁ: ସାର୍, ମରିଯାଇଥିବା ଚଢ଼େଇ।

ସୀତା ଓ ଗୀତା ମଧ୍ୟରେ କଥାବାର୍ତ୍ତା
ଗୀତା: ସୀତା ତୁମ ପୁଅ ଆଙ୍ଗୁଠି ଚାଟୁଥିଲା, ତା'ର ଅଭ୍ୟାସ କେମିତି ଛାଡିଲା।
ସୀତା: ମୁଁ ବହୁତ ଚିନ୍ତା କଲାପରେ ତାକୁ ଏବେ ଢ଼ିଲା ପ୍ୟାଣ୍ଟ ପିନ୍ଧାଉଛି।

**ବାରମାସେ ତେର ପର୍ବର ରାଜ୍ୟ ଓଡିଶା। ଏହାର ସମସ୍ତ ପର୍ବପର୍ବାଣି ସ୍ୱତନ୍ତ୍ର। ଓଡିଶାର ଜାତୀୟ ପର୍ବ କୁହାଯାଉଥିବା ରଜ ମଧ୍ୟ ବେଶ୍ ନିଆରା। କୃଷିଭିତ୍ତିକ ଏହି ପର୍ବକୁ ପାଳନ କରିବାଲାଗି ସମସ୍ତଙ୍କଠାରେ ଥାଏ ଢେର ଉତ୍ସାହ। ତିନି ଦିନ ବ୍ୟାପୀ ଏହି ପର୍ବକୁ ପିଲାମାନେ କିଭଳି ପାଳନ କରୁଛନ୍ତି ସେ ସମ୍ପର୍କରେ.......**

# ରଜ ପରବ



**ଗାଁରେ ରଜ ପାଳୁଛି:** ସତରେ ରଜର ମଜା ନିଆରା। ପ୍ରତିବର୍ଷ ରଜକୁ ମୁଁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଥାଏ। ପୁଣି ଗାଁ ଗଣ୍ଡାରେ ଏହି ପର୍ବର ମାହୋଲ ଟିକିଏ ଅଲଗା। ଏଥର ରଜରେ ମୁଁ ଗାଁକୁ ଆସିଛି। ଏଠାରେ ସାଙ୍ଗମାନଙ୍କ ସହ ରଜ ପାଳୁଛି। ପିଠାପଣାର ମଧ୍ୟ ମଜା ନେଉଛି।

**–ଅର୍ପିତା ସ୍ୱାଇଁ,** *କ୍ଲାସ୍–୯, ଡି.ଏମ୍. ସ୍କୁଲ, ଭୁବନେଶ୍ୱର*

**ସାଙ୍ଗମାନଙ୍କ ସହ ରଜର ମଜା ନେଉଛି:** ଯୋଜନା ମୁତାବକ ଏଥର ରଜରେ ଆମେ ସାଙ୍ଗମାନେ ଧୁମ୍ ବୁଲୁଛୁ। ତା'ସହ ଦୋଳି ଖେଳୁଛୁ। ଘରେ ନିତି ପିଠାପଣା ହେଉଛି। ଘରଘର ବୁଲି ପିଠା ଖାଉଛୁ ଏବଂ ନୂଆ ଡ୍ରେସ୍ ପିନ୍ଧି ରଜ ତିନିଦିନକୁ ଭରପୂର ଉପଭୋଗ କରୁଛୁ।

**–ଶାଶ୍ୱତୀ ଶ୍ୱେତାଲିନା ଦାଶ,** *କ୍ଲାସ୍–୬, ସରସ୍ୱତୀ ଶିଶୁମନ୍ଦିର, ଜଗତ୍‌ସିଂହପୁର*

**ପୁଚି ଓ ଦୋଳି ଖେଳ ସହ ରଜକୁ ଉପଭୋଗ କରୁଛି:** ରଜ ପର୍ବକୁ ମୁଁ ପ୍ରତିବର୍ଷ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାଏ। ଏହି ବର୍ଷ ରଜ ପାଳିବା ପାଇଁ ମୁଁ ମାମୁ ଘର ଗାଁକୁ ଆସିଛି । ଏଠାରେ ବିଭିନ୍ନ ଖେଳ, ନାଚ, ଗୀତର ଆସର ଜମିବା ସହ ଅନେକ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଉଛି। ମୁଁ ସେ ସବୁରେ ଭାଗ ନେଉଛି। ଏହା ବ୍ୟତୀତ ଆମ୍ବ ତୋଟାରେ ବନ୍ଧା ଯାଇଥିବା ଡଙ୍ଗା ଦୋଳିରେ ଖେଳୁଛି। ରଜ ତିନି ଦିନ ଲାଗି ତିନୋଟି ନୂଆ ଡ୍ରେସ୍ ହେଇଛି। ପୋଡ ପିଠା, ଚକୁଳି ପିଠା ଖାଇ ସାଙ୍ଗମାନଙ୍କ ସହ ପୁଚି ଓ ଦୋଳି ଖେଳି ରଜକୁ ମନଭରି ଉପଭୋଗ କରୁଛି।

**– ଦେବାଙ୍ଗୀ ସେନାପତି,** *କ୍ଲାସ୍–୬, ସେଣ୍ଟ ଜାଭିୟର ହାଇସ୍କୁଲ, ଫକୀରପୁର, କେନ୍ଦୁଝର*

**ଏଥର ଘରେ ପ୍ଲାଷ୍ଟିକ୍ ଦୋଳିରେ ଖେଳିବାକୁ ପଡୁଛି:** ଏହି ପର୍ବଟି ପାଇଁ ମୁଁ ବର୍ଷ ତମାମ ଜଗି ବସିଥାଏ। ସୁଆଦିଆ ଖାଦ୍ୟ ସାଙ୍ଗକୁ ନୂଆ ପୋଷାକ, ଦୋଳି ଖେଳ ହେଉଛି ଏହି ପର୍ବର ସ୍ୱାତନ୍ତ୍ର୍ୟ। ରଜ ତିନି ଦିନ ମୁଁ ମୋ ସାଙ୍ଗମାନଙ୍କ ସହ ବେଶ୍ ମଜାମସ୍ତି କରେ। ନୂଆ ପୋଷାକ, ପାଦରେ ଅଳତା, ମଥାରେ କୁମ୍‌କୁମ୍ ସଜେଇ ସାଙ୍ଗମାନଙ୍କ ଘରକୁ ବୁଲିବାକୁ ଯାଏ। ଏହି ଅବସରରେ ମା ତିଆରି କରୁଥିବା ପୋଡପିଠା ମୋର ସବୁଠାରୁ ପ୍ରିୟ। ବାହାରେ ଯେହେତୁ ଗଛ ସବୁ ଭାଙ୍ଗି ଯାଇଛି ତେଣୁ ଘରେ ପ୍ଲାଷ୍ଟିକ ଦୋଳି ଲଗେଇ ଦୋଳି ଝୁଲୁଛି।

**– ଟ୍ୱିଙ୍କିଲ୍ ସାହୁ,** *କ୍ଲାସ୍–୧୦, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ*





**ହସଖୁସିରେ ପାଳୁଛି ରଜ :** ୩ ଦିନ ପାଳିତ ହେଉଥିବା ରଜପର୍ବ ବେଶ୍ ହସଖୁସିରେ ବିତୁଛି। ଏହି ୩ ଦିନ ଯାକ କୌଣସି କାମଧନ୍ଦା ନ କରି ସାଙ୍ଗମାନଙ୍କ ସହ ଆନନ୍ଦରେ ବୁଲାବୁଲି କରୁଛି। ନୂଆ ପୋଷାକ ପିନ୍ଧି ପୋଡପିଠା, କାକରାପିଠା ଖାଇ ଗାଁ ଆମ୍ବତୋଟାକୁ ଯାଇ ରଜଦୋଳି ଗୀତଗାଇ ଦୋଳି ଖେଳୁଛି। ସାହି ପଡିଶାଙ୍କ ଘରକୁ ଯାଇ ବୁଲାବୁଲି କରିବା ସହ ପୁଚି ଓ ଲୁଡୁ ଖେଳି ରଜ ପର୍ବକୁ ଉପଭୋଗ କରୁଛି।

**– ଅପର୍ଣ୍ଣା ପ୍ରିୟଦର୍ଶିନୀ ମହାରଣା,** *କ୍ଲାସ – ୮, କପିଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଡୁବୁରୀ, ଯାଜପୁର*

**ଶେଷ ରଜ ଦିନ ସାଙ୍ଗମାନଙ୍କ ସହ ପାର୍କ ଯିବି :** ଝିଅମାନଙ୍କର ସ୍ୱତନ୍ତ୍ର ପର୍ବ ରଜ। ଏଥର ରଜ ପାଇଁ ମୁଁ ତିନୋଟି ନୂଆ ଡ୍ରେସ୍ କରିଛି। ତା' ଛଡା ପ୍ରତିବର୍ଷ ପରି ହାତରେ ମେହେନ୍ଦି, ଚୁଡ଼ି, ପାଦରେ ଅଳତା, ମଥାରେ ସିଙ୍ଗାର ଲଗାଇ ନିଜକୁ ସଜାଉଛି। ଶେଷ ରଜ ଦିନ ମୁଁ ଆଉ ମୋ ସାଙ୍ଗମାନେ ପାର୍କକୁ ଯିବୁ ବୋଲି ଯୋଜନା କରିଛୁ। ସେଠାରେ ଦୋଳି ଖେଳି ଖୁବ୍ ମଜାମସ୍ତି କରିବୁ। ପୋଡପିଠା ମୋର ପ୍ରିୟ। ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ମା' ଙ୍କ ଦ୍ୱାରା ପ୍ରସ୍ତୁତ ପିଠାପଣା ଖାଇବି।

**– ସ୍ନିଗ୍ଧା ସୁରଭି ମିଶ୍ର,** *କ୍ଲାସ – ୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓଡଗାଁ, ନୟାଗଡ*

**ସାଙ୍ଗସାଥୀଙ୍କ ସହ ମଜା କରିବି :** ଆନନ୍ଦ ଉଲ୍ଲାସରେ ପାଳନ କରୁଛି ରଜ ପର୍ବ। ପାଦରେ ଅଳତା, ମଥାରେ ସିଙ୍ଗାର ଓ ଚନ୍ଦନଟିପା, ଆଖିରେ କଜଳ ଲଗାଇ ସଜବାଜ ହୋଇ ସାଙ୍ଗସାଥୀଙ୍କ ସହ ଦୋଳି ଖେଳର ମଜା ନଉଛି। ନୂଆ ଡ୍ରେସ୍ ପିନ୍ଧି ଘରକୁ ଘର ବୁଲି ପିଠାପଣା ମଧ୍ୟ ଖାଉଛି।

**– ଇଭାସ୍ମିତା ମିଶ୍ର,** *କ୍ଲାସ – ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲୋଇସିଂହା, ବଲାଙ୍ଗୀର*

**ରଜ ଗୀତ ବୋଲି ଦୋଳି ଖେଳକୁ ଉପଭୋଗ କରୁଛି:** ପ୍ରତିବର୍ଷ ପରି ଏଥର ମଧ ରଜକୁ ଧୂମଧାମରେ ପାଳନ କରୁଛି। ଗାଁରେ ରଜ ପାଳିବାର ମଜା ନିଆରା। ସାଙ୍ଗମାନଙ୍କ ସହ ରଜଗୀତ ବୋଲି ଦୋଳି ଖେଳ, ପିଠାପଣା ତଥା ପାନ ଖାଇ ରଜ ପାଳୁଛି।

**–ଆଦ୍ୟା ପ୍ରିୟଦର୍ଶିନୀ ମିଶ୍ର,** *କ୍ଲାସ୍–୮, ଓଚିଣ୍ଡା ହାଇସ୍କୁଲ, ମାଛଗାଁ, ଜଗତ୍‌ସିଂହପୁର*






ଅର୍ପିତା | ଶାଶ୍ୱତୀ ଶ୍ୱେତାଲିନା | ଦେବାଙ୍ଗୀ | ଟ୍ୱିଙ୍କିଲ୍






ଅପର୍ଣ୍ଣା ପ୍ରିୟଦର୍ଶିନୀ | ସ୍ନିଗ୍ଧା ସୁରଭି | ଇଭାସ୍ମିତା | ଆଦ୍ୟା ପ୍ରିୟଦର୍ଶିନୀ









# ତୁମ ତୂଳୀରୁ


୧


୨



୩


୪


୫



୬


୭


୮


କୈବଲ୍ୟ ମିଶ୍ର
କ୍ଲାସ-୫,ସେଣ୍ଟ ଜୋସେଫ୍ ହାଇସ୍କୁଲ, ଭୁବନେଶ୍ୱର
୧


ଅନୁଷ୍କା ବେଉରା
କ୍ଲାସ-୫,ସେଣ୍ଟ ଜୋସେଫ୍ ହାଇସ୍କୁଲ, ଭୁବନେଶ୍ୱର
୨


ଇପ୍ସିତା ମହାନ୍ତି
କ୍ଲାସ-୬, ଗୁରୁ ନାନକ ପବ୍ଲିକ ସ୍କୁଲ, ସମ୍ବଲପୁର
୩


ସତ୍ୟମ୍ ଷଡଙ୍ଗୀ
କ୍ଲାସ - ୬, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଟାଙ୍ଗୀ, କଟକ
୪


ଅନୁରାଗ ମିଶ୍ର
କ୍ଲାସ-୫,ତଳକାହାଳିଆ ପ୍ରାଥମିକ ବିଦ୍ୟାଳୟ,କାହାଳିଆ, ନୀଳଗିରି, ବାଲେଶ୍ୱର
୫


ଅର୍ମାନ୍ ମିଶ୍ର
କ୍ଲାସ-୧,ତଳକାହାଳିଆ ପ୍ରାଥମିକ ବିଦ୍ୟାଳୟ,କାହାଳିଆ, ନୀଳଗିରି, ବାଲେଶ୍ୱର
୬


ସାଦ୍ୟାନ୍ତ ଶତପଥି
କ୍ଲାସ-୧,ମଦର୍ସ ପବ୍ଲିକ୍ ସ୍କୁଲ,ପୁରୀ
୭


ଶିବାନୀ ପଟ୍ଟନାୟକ
କ୍ଲାସ - ୫, ଡିଏଭି ପବ୍ଲିକ୍ ସ୍କୁଲ, ସିଟି ରୋଡ୍, ପୁରୀ
୮

# କ ବି ତା



## ରଜ

**ଆ**ସଲୋ ସଖୀ ଆସ ସଙ୍ଗାତ
ହେବା ବେଗେ ସଜବାଜ
ସାଙ୍ଗସାଥି ମେଳେ ବୁଲିବାକୁ ଯିବା
ଆସିଲାଣି ପରା ରଜ ।
ଆରିସା କାକରା ପୋଡ଼ପିଠା
ରଖିଦେବା କରି ସଜ
ପିଠାପଣା ସଙ୍ଗେ ରଜପାନ ଖାଇ
ସାଇ ବୁଲିଯିବା ଆସ ।
ଆମ୍ବଗଛ ମୂଳେ ବନ୍ଧା ଦୋଳି
ଡାକିଲାଣି କଟମଟ
ଆସଲୋ ସଙ୍ଗାତ ଦୋଳି ଖେଳିଯିବା
ଗାଇ ରଜଦୋଳି ଗୀତ ।

**– ଅର୍ଚ୍ଚନା କର**
ପ୍ଲଟ ନଂ– ୬୫୬, ନୟାପଲ୍ଲୀ
ବେହେରାସାହି, ଭୁବନେଶ୍ୱର



## ରଜରେ ରଜ

**ର**ଜରେ ରଜ ତୁ କେବେ ଆସିବୁ
ତୋ ସାଥିରେ ଝିପି ଝିପି ବର୍ଷା ଆଣିବୁ
ତୋ ଶୀତଳ ପରଶରେ ଭିଜେଇ ଦେବୁ ।
ରଜରେ ରଜ ତୁ...
ବରଷେ ହେଲା ଗଲଣୁ ଝୁରୁଛି ତୋତେ
ତୋ ଅଭୁଲା ସ୍ମୃତି ଦୁଃଖ ଦଉଛି ମୋତେ
ତୁ ଆସିଲେ ଏ ଧରାକୁ ଜୀବନ ଦେବୁ ।
ରଜରେ ରଜ ତୁ...
ତୋ ଛୁଆଁରେ ଏ ପୃଥିବୀ ସବୁଜ ହେବ
ସବୁଜ ଶାଢ଼ିରେ ମାଆ ହସି ଉଠିବ
ଆକାଶକୁ କଳା ଶାଢ଼ି ପିନ୍ଧାଇ ଦେବୁ ।
ରଜରେ ରଜ ତୁ...
ମୋ ଗାଆଁର ଶୋଭା ସତେ ବଦଳିଯିବ
ସାରୁ ଗଛ ମୂଳେ ବେଙ୍ଗ ଗୀତ ଗାଇବ
ଏତେ ସୁଖ ସବୁ ଆଣି ଅଜାଡ଼ି ଦବୁ ।
ରଜରେ ରଜ ତୁ..
ଓଦା ମାଟିର ବାସନା ମହକୁଥିବ
ବାଗୁଡ଼ି ଖେଳରେ ସତେ ଗାଁ କମ୍ପିବ
ଗ୍ରାମ୍ୟ ଲଳନାଙ୍କୁ ନୂଆ ବେଶ କରିବୁ ।
ରଜରେ ରଜ ତୁ...
ଚାଷୀ ଭାଇ ଖୁସି ସତେ କିଏ ବର୍ଣ୍ଣିବ
ତା' ଖେତ ରଜୋବତୀ ହୋଇଉଠିବ
ଖୁସିର ପସରା ମେଲି ହସାଇ ଦବୁ ।
ରଜରେ ରଜ ତୁ କେବେ ଆସିବୁ ।

**– ଅରୂପ କୁମାର ବିଶ୍ୱାଳ**
ସହକାରୀ ଶିକ୍ଷକ, ଏନ୍.ଏ.ସି. ବାଳିକା ଉଚ୍ଚ
ବିଦ୍ୟାଳୟ, ପାରାଦୀପ
ମୋ: ୯୦୪୦୮୭୦୧୦୦



## ଏ ଥରର ପ୍ରଶ୍ନ

■ ପ୍ରସିଦ୍ଧ ଏହି ରଜ ଗୀତର ପରବର୍ତ୍ତୀ ଧାଡି କ'ଣ ?

* ବନସ୍ତେ ଡାକିଲା ଗଜ.........
* ରଜ ଦୋଳି କଟମଟ.........
* ନଈ କି ମାରିଲି ଗିଲ.........
* ଠିଆ ପୁଚି ନାରଙ୍ଗ.........
* ରାଶିରୁ ଛାଡିଲା ତୋପା.........

## ଆରଥରର ଉତ୍ତର

- ହରେକୃଷ୍ଣ ମହତାବ
- ନନ୍ଦିନୀ ଶତପଥୀ
- ୨୧
- ନବୀନ ପଟ୍ଟନାୟକ
- ଚନ୍ଦ୍ରାଣି ମୁର୍ମୁ



## ରଜ ତିନି ଦିନ

**ର**ଜ ତିନି ଦିନ ରଜ ପରବ
କିବା ଧନୀ ଆଉ କିବା ଗରିବ
ଘରେ ଘରେ ପିଠାପଣା ।
ରଜ ପୋଡ଼ପିଠା ଭାରି ବଢ଼ିଆ
ପୋଡ଼ା ହୁଏ ପଡ଼ି ଗୁଡ଼ ନଡ଼ିଆ
ଭଲ ପିଠା ଭାବେ ଗଣା ।
ଗହଳିଆ ତୋଟାମାଳ ମୁଲକ
ରଜଦୋଳି ଖେଳ ଭରେ ପୁଲକ
ଦୋଳି ଡାକେ କଟମଟ ।
ଏହି ରଜ ଗୀତ ମନକୁ ଛୁଏଁ
ଦୂରୁ ଭାସି ଆସି ଖୁସି ବଢ଼ାଏ
କ୍ଷଣିକେ କରେ ଆକୃଷ୍ଟ ।

ରଜ ଖିଲିପାନ ତାଆସ ଖେଳ
ଗ୍ରାମଠୁ ସହର ଚଳଚଞ୍ଚଳ
ଠାବେ ଠାବେ ପଶାପାଲି ।
ମହ ମହ ବାସେ ଆମ୍ବ ପଣସ
ସାହି ବୁଲାବୁଲି ଦିଏ ହରଷ
ଭାବେ ହୋଇ କୋଳାକୋଳି ।
ପରମ୍ପରା ବହି କେଉଁ କାଳର
ରଜ ଆଗମନ ମରତପୁର
ଖୁସି ବାଣ୍ଟେ ହସି ହସି ।
ଜ୍ୟେଷ୍ଠ ମାସେ ଏଇ ପରବ କାଳେ
ଆପେ ଗିରିଷମ କଷଣ ଟଳେ
ବରଷା ଯାଏ ବରଷି ।

**– ବସନ୍ତ କୁମାର ଦାସ**
ରମ୍ଭା, ବରି, ଯାଜପୁର
ମୋ: ୯୪୩୭୫୯୭୮୯୬



## ରଜ ଆସିଛି

**ର**ଜ ଆସିଛି ବରଷକ ପରେ
ଖୁସି ଢେଉ ଖେଳେ ମନ ଭିତରେ
ହେଲେ ଦୁଃଖ ଲାଗେ ଏ କଥା ଭାଳି
ଗଛ ନାହିଁ କାହିଁ ଖେଳିବା ଦୋଳି ।
ଫନୀଟା ଅକାଳେ ଆସି
ସାରା ଓଡ଼ିଶାକୁ କଲବଲ କଲା
ପରିବେଶକୁ ବିନାଶି ।
ଯେଣେ ଚାହିଁଲେ ଲାଗେ ଖାଁ ଖାଁ
କିଅବା ସହର କିଅବା ଗାଁ
ନାହିଁ ତ ବିଜୁଳି ନାହିଁ ଆଶ୍ରୟ
ଏବେ ବି ଦୁଃଖେ କେ କାଟେ ସମୟ ।

ଏ ସବୁ ଭାବି ମନରେ
ଆମେ ଏ ବରଷ ରଜକୁ ପାଳିବୁ
ଅତି ନିରାଡ଼ମ୍ବରରେ ।
ବାପା ଯାହା ଦେବେ ପୋଷାକ ପାଇଁ
ରିଲିଫ ପାଣ୍ଠିକୁ ଦେବୁ ପଠାଇ
ଖୁସି ହେବେ କେତେ ଭଉଣୀ ଭାଇ
ଏ ସାମାନ୍ୟ ସହାୟତା ନୁହଁଇ ।
ଏ କଥା ମନରେ ଭାଳି
ସହାନୁଭୂତିର ବଢ଼ାଇବା ହାତ
ହୋଇଣ ସଭିଏଁ ମେଳି ।



**– ସୁଧାକର ରାଉତ**
*ପ୍ରତାପ ନଗରୀ, କଟକ,*
*ମୋ: ୮୨୪୯୯୩୨୭୯୨*

# ଜଣା ଅଜଣା



✲ ଖାଦ୍ୟ ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଉଥିବା ମାଇକ୍ରୋୱେଭ୍ ଓଭନ୍‌ରେ ସର୍ବ ପ୍ରଥମେ ପପ୍‌କର୍ଣ୍ଣ ପ୍ରସ୍ତୁତ କରାଯାଇଥିଲା।



✲ ଧଳା ଲାଇମ୍ ଷ୍ଟୋନରେ ନିର୍ମିତ ପୀରାମିଡ ଅଫ୍ ଗିଜାର ରଙ୍ଗ ପ୍ରଥମେ ଧଳା ଥିଲା, ଯାହାକି ସୂର୍ଯ୍ୟ କିରଣ ପଡିବା ଦ୍ୱାରା ଚକମକ କରୁଥିଲା କିନ୍ତୁ କାଳକ୍ରମେ ସେଥିରେ ଧୂଳିର ଆବରଣ ପଡିବା ଫଳରେ ତାହା ଧୂସର ରଙ୍ଗ ଧାରଣ କଲା।

✲ ଗବେଷଣାରୁ ଦେଖାଯାଇଛି ଯେ କୌଣସି କାମ କରୁଥିବା ବେଳେ ଧୀର ସାଉଣ୍ଡରେ ଯଦି ମ୍ୟୁଜିକ୍ ବାଜୁଥାଏ ତେବେ କାମ କରିବାର ଆଗ୍ରହ ବଢିବା ସହ କାମରେ ଧ୍ୟାନ ମଧ୍ୟ ଅଧିକ ଲାଗିଥାଏ।






✲ ପ୍ରାଚୀନ ଚାଇନାରେ କୁତ୍‌କୁତ୍‌କୁ ପ୍ରତାରଣାର ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଉଥିଲା।



✲ପୃଥିବୀରେ ଏଭଳି ବି ଜୀବ ଅଛନ୍ତି, ଯେଉଁମାନେ ଖାଦ୍ୟାଭାବ ହେଲେ ନିଜକୁ ନିଜେ ଖାଆନ୍ତି। ଏହି ପ୍ରକ୍ରିୟାକୁ ‘ସେଲ୍ଫ କାନିବାଲିଜମ୍’ ବୋଲି କୁହାଯାଏ।

# ଆଉନା



ସରନ୍ୟା
୧୦ ବର୍ଷ



ଶ୍ରେୟାଶୀ
୫ ବର୍ଷ



ଶ୍ରିୟାଦିତ୍ୟ
୫ ବର୍ଷ